ପରୀପାଇଁ ନାନାବାୟା ଗୀତ

ମନୋରମା ବିଶ୍ୱାଳ ମହାପାତ୍ର

Digitized by srujanika@gmail.com

PARI PAINE NANABAYA GEETA

by Dr. Manorama Biswal Mohapatra.
Publisher Pritam Prakasan, 125 Acharyabihar, Bhubaneswar
E-mail: manobm48@yahoo.co.in
First Edition : 2017
Design & layout: **Sri Braja Kishore Jena**
Printed at Divya Mudrani, Bhubaneswar
Price ₹ 40/-

ପରୀ ପାଇଁ ନାନାବାୟା ଗୀତ

ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର
ପ୍ରକାଶକ: ପ୍ରୀତମ ପ୍ରକାଶନ, ୧୨୫ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୧୭
ଅଳଙ୍କରଣ: **ଶ୍ରୀ ବ୍ରଜକିଶୋର ଜେନା**
ମୁଦ୍ରଣ : ଦିବ୍ୟ ମୁଦ୍ରଣୀ, ଭୁବନେଶ୍ୱର
ମୂଲ୍ୟ: ₹ ୪୦/- ଟଙ୍କା

Digitized by srujanika@gmail.com

Digitized by srujanika@gmail.com

ଏଇ କୁନି ଝିଅ କାହାର
ବାପା କହିଲେ ଆମର
ମାଆ କହିଲେ ଆମର
ଜେଜେମା କହିଲେ
ଝୁଲୁହାତୀ ତାକୁ କରିସାରେ ଆଗ
ତା'ପରେ ସେ ହେବ ତମର ।

Digitized by srujanika@gmail.com

ଆମ କୁନିଝିଅ କିଆଫୁଲ ଖାଇ ଫୁଲିବ
ଜେଜେମା' କୋଳରେ
ଶୋଇଶୋଇ ଗୀତ ଶୁଣିବ ।
ଗୀତ ଶୁଣିଶୁଣି ସପନ ଦେଖିବ ନିଦରେ
ନିଦରେ ଶୋଇ ବି
ହସୁଥିବ ମନଖୁସିରେ ।

Digitized by srujanika@gmail.com

ଝୁଲଣାରେ ବସାଇ
ଅଜା ଦେବେ ଝୁଲାଇ
ନାନାବାୟା ଗୀତରେ
ଆଇ ଦେବେ ଭୁଲାଇ
କୁନିଝିଅ ଖୁସିରେ
ହାତଗୋଡ଼ ହଲାଇ
ମାଆ ଲୁଗାକାନିରେ
ମୁହଁ ଦେବ ଲୁଚାଇ ।



Digitized by srujanika@gmail.com

ଟିକି ମଇନାରେ
ଟିକି ମଇନା
କୁନିଝିଅ ସଙ୍ଗେ
ଖେଳିବୁ ଆ
କୁନିଝିଅ ଯେବେ
ବସିବ ରୁଷି
ଗୀତ ଗାଇ ତାକୁ
କରିବୁ ଖୁସି ।

Digitized by srujanika@gmail.com



କୁନିକୁନି ଆଖିରେ
ଜୁଳୁଜୁଳୁ ଅନାଇ
ଟିକି ଓଠ ଥରାଇ
କୁଆଁକୁଆଁ କାନ୍ଦଇ
ମାଆ କୋଳ ଉଷୁମ
ଭାରି ଭଲ ଲାଗଇ
କୁନିଝିଅ କାନ୍ଦ୍‌ନା
ବାପା ଦେବେ ଝୁଲାଇ ।

Digitized by srujanika@gmail.com



ଆ ଆ ମୋର ସୁନା କଣ୍ଢେଇ
ମୋ' କୋଳକୁ ଆ
ଗୀତ ଗାଇ ତୋତେ ଶୁଆଇଦେବ
ଆସିଲେ ତୋହରି ମାଆ
ମାଆ କୋଳର ଉଷୁମ ତଳେ
ନିଦରେ ଯିବୁ ଶୋଇ
ଆ ଆ ମୋର କୁନି କଣ୍ଢେଇ
ଅଝଟ ହଅ ନାହିଁ ।

Digitized by srujanika@gmail.com

ଝୁଲୁଝୁଲୁ ଝୁଲଣା
କୁନିଝିଅ ଝୁଲିବ
ଫୁଲ ଫୁଲ ଫୁଲଣା
ରୁଣୁଝୁଣୁ ବାଜିବ
ସୁଲୁସୁଲୁ ପବନେ
କୁନିଝିଅ ଫୁଲିବ
ଟଳଟଳ ପାଦରେ
କୁନିଝିଅ ଚାଲିବ ।

Digitized by srujanika@gmail.com

ପକ୍ଷୀରାଜ ଘୋଡ଼ାରେ
କୁନିଝିଅ ବସିବ
ନିଦପରୀ ଆସିବ
କୁନିଝିଅ ହସିବ
ଘୋଡ଼ାହାତୀ ପାଟଛତି
ଝିଅ ପାଇଁ ଆସିବ ।

Digitized by srujanika@gmail.com



ଝୁଲ୍ ହାତୀ ଝୁଲ୍
ଟିକି ପରୀ ଝୁଲ୍
ମାଆ କୋଳରେ ଝୁଲ୍
ଆଈ କୋଳରେ
ଶୋଇଶୋଇକା
ପବନ ଖାଇ ଫୁଲ୍
ଝୁଲ୍ ହାତୀ ଝୁଲ୍ ।

Digitized by srujanika@gmail.com

ଜୁଲୁଜୁଲୁ ଜୁଲୁକି
ଆଖି ମେଲି ଚାହୁଁଚି
କେବେ ସିଏ ହସୁଛି
କେବେ ପୁଣି କାନ୍ଦୁଛି
ଟିକି ମୁହଁ ବୁଲାଇ
ବାପାକୁ ତା' ଚାହୁଁଛି
ବାପା ନେଲେ କୋଳେଇ
ଚଟ୍‌କିନା ଟିକି ଓଠ
ଦେଲା ତା'ର ଫୁଲେଇ ।

Digitized by srujanika@gmail.com

ଚୁନିଚୁନି ପତର
ସୋରିସୋରି ସପନ
ସପନର ନୂପୁର
ନୂପୁରରେ ଘୁଙ୍ଗୁର
ସେ ଘୁଙ୍ଗୁର ପିନ୍ଧିବ
କୁନିଝିଅ ନାଚିବ ।

Digitized by srujanika@gmail.com

ଆ ଆ ମୋର କୁନି କଣ୍ଢେଇ
ମାଆ ତୋର ଦେବ ତେଲ ଲଗାଇ
ଆଖିରେ ଦେବ ତୋ କଜଳଗାର
ତୁ ପରା ତା'ର ଗଳାର ହାର
ଅଝଟ ନ ହୋଇ ପଡ଼ିବୁ ଶୋଇ
ହସିବୁ କାନ୍ଦିବୁ ନିଦରେ ଥାଇ ।

Digitized by srujanika@gmail.com

ରାତି ପାହିଲା ଫୁଲ ଫୁଟିଲା
ଆମ କୁନିପରୀ ଗୀତ ଗାଇଲା
ପରଜାପତି ଧରିବା ପାଇଁ
ଏ ଫୁଲୁ ଉଡ଼ି ସେ ଫୁଲେ ଯାଇ
ପରୀ ତା' ହାତ ବଢ଼ାଇଦେଲା
ପରଜାପତି ଉଡ଼ି ତ ଗଲା ।

Digitized by srujanika@gmail.com

କେଡ଼େ ସୁନ୍ଦର ହଳଦୀଫୁଲ
ସୁନା ରୁପା କି ତା' ସମତୁଲ
କେଡ଼େ ସୁନ୍ଦର ପରଜାପତି
ଥାଏ ସେ ସଦା ଖେଳରେ ମାତି
ତାକୁ ଧରିଲେ କିସ ପାଇବା
ପରୀ ଆମର ବୁଝି ତ ଗଲା ।

Digitized by srujanika@gmail.com

ପରୀ ବସିଛି ମୁହଁ ଶୁଖାଇ
ଅଝଟ କରୁଛି ଖେଳନା ପାଇଁ
ଖେଳନା ଆସିଲେ ଖାଇବ ଭାତ
ଖେଳନା ଆସିଲେ ଗାଇବ ଗୀତ
ଖେଳନା ଆସିଲେ ପଢ଼ିବ ପାଠ
ଖେଳନା ପାଇଲେ ହେବନି ଦୁଷ୍ଟ
ଭାଇ ଆଣି ଦେଲେ ନୂଆ କଣ୍ଢେଇ
ଖୁସିରେ ପରୀ ଉଠିଲା ଗାଇ ।

Digitized by srujanika@gmail.com

ଗୁଣ୍ଡୁଚିରେ ଗୁଣ୍ଡୁଚି
ତୁ ଧୀରେ ଧୀରେ ଆ
କଞ୍ଚନ ଗଛରେ ବସି ଦୋଳି ଖେଳୁ ଥା ।
ଆମ ଝିଅ ସୁନା ଝିଅ
ବସି ଅଛି ଅନାଇ
ଛପି ଛପି ଆସି ତା ଦୋଳି ଦେ ଝୁଲାଇ ।
ଦୋଳିରେ ତା ପଡ଼ିଲାଣି ଆକାଶର କାକର
କାକର ଟୋପାକୁ ଧୀରେ
ପୋଛିନେଇ ଯା
ଗୁଣ୍ଡୁଚିରେ ଗୁଣ୍ଡୁଚି
ଛପି ଛପି ଆ ।

Digitized by srujanika@gmail.com



ଆମ କୁନିଝିଅ ଏଇଠି ଥିଲା
କୁଆଡ଼େ ଗଲା କୁଆଡ଼େ ଗଲା
ଗୁଣ୍ଡୁଚି ସାଙ୍ଗରେ ସାଙ୍ଗ ହୋଇ ଅବା
ପଣସ ଡାଳରେ ଛପି ରହିଲା ।
ପଣସ ପତର ଟିପିଟିପିକା
କୁନିଝିଅ ହସେ ମିଟି ମିଟିକା
ଗୁଣ୍ଡୁଚି ନାନୀ ତୁ ଏଇଠି ରହ
ଏଇଠି ରହ
ଆମ କୁନିଝିଅ ଖେଳିବ ଖେଳ
ତୋହରି ସହ
ତୋହରି ସହ ।

Digitized by srujanika@gmail.com

ଆରେ ଆ କକମଇନା
ଆମ ପରୀ ସାଙ୍ଗେ ଖେଳିବୁ ଆ
ଆରେ ଆ କଜଳପାତି ବାଇଚଢ଼େଇ
ଟିକିଟିକି ତୋର ଡେଣା ହଲାଇ
ଆରେ ଆ ଟୁଉକୁ ମୂଷି
ତୋତେ ଦେଖି ପରୀ ହୋଇବ ଖୁସି
ଟିକିଟିକି ତା'ର ଆଖି ଦୁଇଟି
ଟିକିଟିକି ତା'ର ହାତ ଦୁଇଟି
ତା' ଟିକି ହାତର ଟିକି ଆଙ୍ଗୁଳି
ତା' କୁନି ହାତକୁ ଦେ ଆଉଁଷି ।

Digitized by srujanika@gmail.com



ଗୁଣ୍ଡୁଚି ନାନୀଲୋ ଗୁଣ୍ଡୁଚି ନାନୀ
ଆମ କୁନି ଝିଅ ବସିଛି ଚାହିଁ
ନସର ପସର ପାଦରେ ତୋର
ଛପି ଛପି ଆସି
ଝିଅର ହାତକୁ ଦେ ଆଉଁଷି ।

Digitized by srujanika@gmail.com

କନକନିଆ ଶୀତ ସକାଳେ
ଟିକି ପ୍ରଜାପତି ଫୁଲରେ ଝୁଲେ
ଆମ କୁନିପରୀ ବସିଛି ଚାହିଁ
ତୋଅରି ସାଙ୍ଗରେ ଖେଳିବା ପାଇଁ ।

ଗୁଣ୍ଡଚି ନାନୀ ଲୋ ଗୁଣ୍ଡୁଚି ନାନୀ
ଛାଇ ଛାଇକା ପତର ତଳେ
ଲୁଚକାଳି ଖେଳେ ଯାଉ ତୁ ମାତି
ପରୀ ବସିଅଛି ତୋ ବାଟ ଚାହିଁ
ତୋରି ସାଙ୍ଗରେ ଖେଳିବା ପାଇଁ ।

Digitized by srujanika@gmail.com



ହାତୀ ଘୋଡ଼ା ପଛେ ନେଇଯା
ଆମ୍ଭ ଟାକୁଆଟା ଦେଇଯା
ଆମ୍ଭ ଟାକୁଆରେ ହେବ ଯେ କାଳି
ମାମୁଁ ଆଣି ଦେବେ ରୁଞ୍ଜମାଳି
ରୁଞ୍ଜମାଳି କରେ ଜକଜକ
ଆଈ ହୁଏ ଖାଲି ବକ ବକ

Digitized by srujanika@gmail.com

ମାମୁଁଘର ଗାଁ ବହୁଦୂର
ସେ ଗାଁରେ ଅଛି ସୁନାଝର
ଝିଲିମିଲି ରୁପା ଆଲୁଅରେ
ଟିକି ପ୍ରଜାପତି ଉଡ଼ିବୁଲେ ।
କାଗଜଡଙ୍ଗା ଭସାଇବା କେଡ଼େ ମଜାରେ
ଝୁରୁଝୁରୁ ଏଇ ବରଷାର ଗାଁ ଦାଣ୍ଡରେ ।



Digitized by srujanika@gmail.com



ସାନ ସାନ ପିଲା ଆସି
ପରୀକୁ ଛୁଇଁଲେ
ସେମାନଙ୍କ ଘରେ ନେଇ
ରଖିବାକୁ ଚାହିଁଲେ
କୁନିଝିଅ ଶୋଇରହି
ସେମାନଙ୍କୁ ଚାହିଁଲା
ଇଏ ତ ମୋ ଆଖିତାରା
ମାଆ ତା'ର କହିଲା ।

Digitized by srujanika@gmail.com

ହାତ ହଲାଇ ଗୋଡ଼ ହଲାଇ
କୁନି ଝିଅଟି କାନ୍ଦୁଛି ଶୋଇ
ଆଈ ଆସିଲେ
ଅଜା ଆସିଲେ
କୁନି ଝିଅକୁ କୋଳକୁ ନେଲେ ।

Digitized by srujanika@gmail.com

ପେଁ କାଳି ଆଜି ବାଜିଲାରେ
ଆମ ପରୀ ନିଦ ଭାଜିଲାରେ
ପେଁ କାଳି କିଆଁ ବାଜିଲୁ
ପରୀକୁ ନିଦରୁ ଡାକିଲୁ
ସିଏତ ଅଝଟ କରିବ
କିଏ ସେ ତାହାକୁ ପାରିବ ।

Digitized by srujanika@gmail.com

ପୁଷିରେ ପୁଷି ମୋ କୁନି ପୁଷି
ମୋ ପାଖକୁ ଆ
କ୍ଷୀର ଦେବି ମାଛ ଦେବି
ଖାଇବୁ ଯଦି ଆ
ଚୂଲି ମୁଣ୍ଡଟା ଉଷୁମ ଭାରି
ସେଇଠି ଶୋଇଥା
ଖାଇବା ବେଳ ହୋଇବା ଜାଣି
ମିଆଁଉ କରୁଥା ।

Digitized by srujanika@gmail.com



Digitized by srujanika@gmail.com

ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଶିଶୁସାହିତ୍ୟ ସଂସାର

Digitized by srujanika@gmail.com

Digitized by srujanika@gmail.com